ସକାଳ-୧୬.୫.୨୦୨୩

'ସେବକ'ର ପ୍ରତିଷ୍ଠା ଦିବସ

# ତୃଣମୂଳସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ




**ସୁନ୍ଦରଗଡ଼,୧୫।୫(ସମିସ)**:ସୁନ୍ଦରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ'ର ପ୍ରତିଷ୍ଠା ଦିବସ ସେବକର ଆଞ୍ଚଳିକ ସାଧନ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଉକ୍ତ ସମାରୋହରେ ସେବକର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଓଝା ମୁଖ୍ୟଅତିଥିଭାବେ ଯୋଗଦେଇ ଭର୍ଚୁଆଲ ମୋଡରେ ସମାଜର ପଛୁଆବର୍ଗ, ଅବହେଳିତ, ନିଷ୍ପେଷିତ, ଗରିବ ଆଦିବାସୀଙ୍କ ବିକାଶ ଲାଗି ସେବକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ଶ୍ରୀ ଓଝା ବର୍ତ୍ତମାନ ସାରା ବିଶ୍ୱର ମୁଖ୍ୟ ସମସ୍ୟା ସାଜିଥିବା ଜଳବାୟୁପରିବର୍ତ୍ତନ ଓ ବିଶ୍ୱତପନକୁ ମୁକାବିଲା କରିବା ଲାଗି ଏକଜୁଟ ହେବା ସହିତ ତୃଣମୂଳସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ହେଇଥିଲେ। ସେବକର ଉପଦେଷ୍ଟା ଜ୍ଞାନରଞ୍ଜନ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ସମ୍ପ୍ରତି ପ୍ରଦୂଷଣ ସମସ୍ୟାରେ ରାଜ୍ୟର ସ୍ଥିତି ଉଦ୍‌ବେଗଜନକ ରହିଥିବାରୁ ଅଧିକରୁ ଅଧିକ ବରଗଛ ଲଗାଇବା ତଥା ଜଙ୍ଗଲ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଦିଲ୍ଲୀ ଏମ୍ସରୁ ସେବକର ଅନ୍ୟତମ ଉପଦେଷ୍ଟା ବିଜୟାନନ୍ଦ ନାଏକ, ରଙ୍ଗିଆମୁଣ୍ଡାର ଉପଦେଷ୍ଟା ଫୁଲେଶ୍ୱର ନାଏକ ପ୍ରମୁଖ ଶୁଭେଚ୍ଛା ଜଣାଇ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅନୁଷ୍ଠାନର ସଂଘର୍ଷ, ମୂଲ୍ୟବୋଧ, ଅନୁଭୂତି ତଥା ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଦିଗାମ୍ବର ଉପାଧ୍ୟାୟ ସେବକର୨୦୨୨-୨୩ ଆର୍ଥିକ ବର୍ଷର ଜୀବନଜୀବିକା, ଜଳବାୟୁ ପରିବର୍ତ୍ତନ,ପ୍ରାକୃତିକ ସମ୍ବଳର ସୁପରିଚାଳନା ଓ ଦକ୍ଷତାବୃଦ୍ଧି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୁ ପଟେଲ ସ୍ୱାସ୍ଥ୍ୟର ଉନ୍ନତି ଉପରେ ସେବକ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସ୍ନେହଲତା ନାଏକ ଧନ୍ୟବାଦ ଦେଇଥିଲେ। ସେବକର ବେଦବ୍ୟାସ ଧୁଆ ସଭା ପରିଚାଳନା କରିଥିବା ବେଳେ ସେବକର ପ୍ରତ୍ୟେକ ପ୍ରକଳ୍ପର କର୍ମକର୍ତ୍ତା, ଉପଦେଷ୍ଟା, ଶୁଭଚିନ୍ତକମାନେ ଉଭୟ ପ୍ରତ୍ୟକ୍ଷ ଓ ଭର୍ଚୁଆଲ ମୋଡରେ ଯୋଗଦାନ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର କିଛି ଆଗ୍ରହୀ ଯୁବକଯୁବତୀଙ୍କୁ ନେଇ ତତ୍କାଳୀନ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଗୋପାଳ ଚନ୍ଦ୍ର ଓଝାଙ୍କ ନେତୃତ୍ୱରେ ୧୯୯୫ ମସିହା ମଇ ୧୫ ତାରିଖରେ ଟାଙ୍ଗରପାଲି ବ୍ଲକର ରଙ୍ଗିଆମୁଣ୍ଡା ଗ୍ରାମରେ ଏହାର ଅୟମାରମ୍ଭ ହୋଇଥିଲା।